# ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁରୁଣ୍ଡିଆ

**Email ID .tah.gurun-od@nic.in,Telphone No-06626242010.**

ପତ୍ର ସଂଖ୍ୟା ୧୧୦୦ ତା- ୦୨/୦୯/୨୦୨୦

---

To

The Advertisement Manager,
SAMAJ, Rourkela
SAMBAD, Rourkela

Sub.- Publication of Lease notice of Sairat Sources of Gurundia Tahasil for a period of 5yrs. (2020-21 to 2024-25)

Sir,

In enclosing herewith Advertisement notice No1 1097 dated 02.09.2020 in Odia for publication in your daily news paper on consecutive days immediately in economic space at I & PR approved rate. Advertisement bill there on may be submitted to the undersigned for necessary payment.

Encl.- Advt. No. 1097 dtd. 02.09.2020

Yours faithfully

Tahasildar, Gurundia

**Memo No. 1101 Date 02.09.2020**

Copy to the Sub-Divisional Information & Public Relation Officer, Bonai for information and necessary action.

Tahasildar, Gurundia

**Memo No. 1102 Date 02.09.2020**

Copy submitted to the Sub-Collector, Bonai / Additional District Magistrate, Sundargarh for favour of kind information and necessary action.

Tahasildar, Gurundia

**Memo No. 1103 Date 02.09.2020**

Copy to the Tahasildar, Bonai, Lahunipara, Koira / Block Development Officer, Gurundia, Bonai, Lahunipara, Koira / All Sarpanch of Gurundia Block / All R.Is for information and display in their notice board for wide publication.

Copy to Notice Board for wide publuication.

Tahasildar, Gurundia

# ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁରୁଣ୍ଡିଆ

**Email ID .tah.gurup-od@nic.in,Telphone No-06626242010.**

ପତ୍ର ସଂଖ୍ୟା ୧୦୯୭ ତା- ୦୨/୦୯/୨୦୨୦

## ଦୀର୍ଘମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ (OMMC Rules 2016) ନିୟମାନୁଯାୟୀ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ତହସିଲ ଅର୍ନ୍ତଗତ ୪ ଗୋଟି ସୈରାତ ଉସ (ବାଲୁକା ଶଯ୍ୟା) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଗୁରୁଣ୍ଡିଆଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC RULES-2016 ର Form-M (3 Copies) ପୂରଣ କରି ଏଥି ସହିତ ଉପଯୁକ୍ତ ନକ୍ସା (ତିନି କପି) ସଂଲଗ୍ନ କରି ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି ବନ୍ଦ ଲଫାପା (Sealed Cover) ରେ Registered Post/ Speed Post ଜରିଆରେ ତହସିଲଦାର, ଗୁରୁଣ୍ଡିଆଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା Tender Box ରେ ଆସନ୍ତା ତା-୨୫/୦୯/୨୦୨୦ ରିଖ ଠାରୁ ତା-୧୨/୧୦/୨୦୨୦ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଲଫାପା ଉପରେ ସୈରାତ ଉସ ର ନାମ ଏବଂ କେସ୍ ନମ୍ବର ଲେଖାଥିବା ଆବଶ୍ୟକ । ତା-୧୩/୧୦/୨୦୨୦ ରିଖ ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତକାରୀ/ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯାଇ ଲିଜ ଚୁଡ଼ାନ୍ତ କରାଯିବ ଓ ଅସମ୍ପୁର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ବାତିଲ କରାଯିବ । ଯେଉଁ ସୈରାତ ଉସ ଗୁଡ଼ିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନ ଥିବ କିମ୍ବା କୌଣସି କାରଣରୁ ନିଲାମ ଲିଜ ଚୁଡାନ୍ତ ହୋଇ ନ ପାରିଲେ ସେହି ଉସ ଗୁଡ଼ିକର ପରବର୍ତ୍ତୀ ନିଲାମ ଯଥାକ୍ରମେ ତା-୨୦/୧୦/୨୦୨୦ ରିଖ ଏବଂ ତା-୨୭/୧୦/୨୦୨୦ ରିଖ ଦିବା ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହେବ ।

## ଆବଶ୍ୟକୀୟ ଦସ୍ତାବିଜ

| | |
|---|---|
| ୧) | ଦରଖାସ୍ତ ପାଉଣା (Application Fee) ବାବଦକୁ ଟ. ଟ.୧୦୦୦/- (ଏକହଜାର ଟଙ୍କା) ର ଟ୍ରେଜେରି ଚାଲାଣ । ( Head of Account- **0853-Non-ferrous-Mining and Metallurgical Industries-102-Mining Concession fees, Rents and Royalties**-0217-Receipts under Odisha Minor Mineral Concession Rules-02021-Collection of fees, Rents and Royalty) |
| ୨) | ସୈରାତ ଉସ ବାବଦକୁ କୌଣସି ବକେୟା ଅର୍ଥ ନଥିବା ନେଇ ଏକ ସତ୍ୟପାଠ । |
| ୩) | ଆବେଦନକାରୀ ରୟାଲିଟି (Royalty) ଓ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡ଼ା ୫% ହାରରେ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ଉପରେ ବଇନା ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ଡ଼ିମାଣ୍ଡ ଡ୍ରାଫ୍ଟ (Demand Draft) ଆକାରରେ ପଇଠ କରିବେ । |
| ୪) | ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବା ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ Royalty ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ (Offered Additional Charge) ର ମୂଲ୍ୟଠାରୁ କମ୍ ହୋଇନଥିବ ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ । |
| ୫) | ସୈରାତ ଉସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ www.sundargarh.nic.in ରେ ଉପଲବ୍ଧ ହେବ । |

# ସର୍ତ୍ତାବଳୀ

| | |
|---|---|
| ୧) | ଆବେଦନ କାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ - ୨୦୧୬ (OMMC Rules 2016 & Ammendment Rules 2017) ର ପରିସର ଭୁକ୍ତ ରହିବେ ଏବଂ ତତ୍ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ । |
| ୨) | ଲିଜପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଉତ୍ସ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗନେବେ । |
| ୩) | ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ । |
| ୪) | ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ, ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । |
| ୫) | ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Addtional Charge) ସହିତ ବାଲି ରୟାଲଟି ନିମନ୍ତେ ଟ. ୩୫/- per cum ଏବଂ ବାର୍ଷିକ MGQ ପାଇଁ ଧାର୍ଯ୍ୟ DMF (Contribution payable to DMF) ଗୁଣନ କରି ସଂପୃକ୍ତ ରାଶିର ୨୫% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ ।<br>The selected bidder shall be liable to deposit an amount which shall be calculated in such a way that it shall be equivalent to one-fourth of the District Mineral Foundation on the annual minimum guaranteed quantity taken together, reduced by the amount of earnest money, which along with the earnest money, shall be held as interest-free security deposit. |
| ୬) | ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତି ହୋଇଥିବା Mining Plan ବାବଦରେ ମୂଲ୍ୟ ପଇଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଞ୍ଜୁରୀ (Environmental Clearance) ସଂପୃକ୍ତ ଅଧିକାରୀଙ୍କ ପାଖରୁ ହାସଲ କରିବେ । ଏହା ସହିତ ଲିଜଧାରୀ ମାନେ ବିଜ୍ଞାପନ ଖର୍ଚ୍ଚ ଆନୁପାତିକ ଭାବରେ ବହନ କରିବେ । |
| ୭) | ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । |
| ୮) | ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ । |
| ୯) | ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ । |
| ୧୦) | ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଉଲ୍ଲେଖ ଥିବା ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । |
| ୧୧) | ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା Surface Rent, Dead Rent ଓ Royalty ପଇଠ କରିବେ । |
| ୧୨) | ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation (DMF) ବାବଦକୁ ୧୦% ଏବଂ Environmental Management Fund (EMF) ବାବଦକୁ ୫% ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ । |
| ୧୩) | ନିଲାମଧାରୀ OMMC Rule-2016 ରେ ନିୟମ-33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ |
| ୧୪) | ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ । |
| ୧୫) | ନିଲାମଧାରୀ ଜମା ରୟାଲଟିର ୨% ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ । |
| ୧୬) | ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ । |
| ୧୭) | ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ । |

| | |
|---|---|
| ୧୮) | ସର୍ବୋଚ୍ଚ ନିଲାମଧାରୀ ବାଲୁକା ସୈରାତ ଉକ୍ତ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ଓଡ଼ିଶା ପ୍ରଦୂଷଣ ବୋର୍ଡଠୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| ୧୯) | ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ଜମା କରିବାପରେ ସେ ଫାରମ-ଏନ (Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ Registration (Registration Act 1908 & Stamp Act 1899) ଅନୁଯାୟୀ ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୫ ତାରିଖ ପୂର୍ବରୁ ଦେୟ ପଇଠ କରିବେ । |
| ୨୦) | ସୂଚନାଫଳକ ( Display Board) ତିଆରି କରି ସେଥିରେ ସୈରାତ ଉକ୍ତର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| ୨୧) | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉକ୍ତରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । |
| ୨୨) | କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରି ପାରିବେ । |

ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ, ଗୁରୁଣ୍ଡିଆ

ତାରିଖ : ୧୩/୧୦/୨୦୨୦

ତହସିଲଦାର, ଗୁରୁଣ୍ଡିଆ

**ଜ୍ଞାପକ ସଂଖ୍ୟା ୧୦୯୮ / ତା ୦୨/୦୯/୨୦୨୦**

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ / ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା / ଉପ ଜିଲ୍ଲାପାଳ, ବଣାଇଁ / ତହସିଲ କାର୍ଯ୍ୟାଳୟ, ଲହୁଣୀପଡ଼ା / ବଣାଇଁ / କୋଇଡା / ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ଗୁରୁଣ୍ଡିଆ, ଲହୁଣୀପଡ଼ା, ବଣାଇଁ, କୋଇଡା ଏବଂ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡଙ୍କୁ ଜିଲ୍ଲା **website** ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଗୁରୁଣ୍ଡିଆ

# ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନମ୍ବର | ଖାତା ନଂ | ପ୍ଲଟ ନଂ | ରକବା | ଉପ ଖଣିଜର ନାମ | ସର୍ବନିମ୍ନ ଉଦ୍ଧାରିତ ମୂଲ୍ୟ (per cum) ହିସାବରେ | ଅତିରିକ୍ତ ଦେୟ (Additional Charge per cum) ହିସାବରେ | Mining Plan ଅନୁଯାୟୀ ଉତ୍ତୋଳନ ଯୋଗ୍ୟ ବାଲି ପରିମାଣ | ଅଗ୍ରୀମ ଜମାର ଅଗ୍ରୀମ ରାଶି (Earnest Money) ର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ବ୍ରାହ୍ମଣୀନଦୀ-ଗ (ବଲଟେଙ୍ଗେଡା) | ବରଟେଙ୍ଗେଡା ବାଲୁକା ଶଯ୍ୟା<br>କେଶ ନଂ-<br>୦୫/୨୦୨୦ | ୧ | ୧୪/ସ୍ଥ | ୧୨.୩୫ | ବାଲି | ୩୫/- | ୨୫/- | ୧୦୦୦୦ cum | ୩୦୦୦୦/- |
| ୨ | ବ୍ରାହ୍ମଣୀନଦୀ-ଗ (ରାଣୀଅମରା ବଡାପୁର) | ରାଣୀଅମରା ବଡାପୁର ବାଲୁକା ଶଯ୍ୟା<br>କେଶ ନଂ-<br>୦୬/୨୦୨୦ | ୧ | ୧୧/ସ୍ଥ | ୧୨.୩୫ | ବାଲି | ୩୫/- | ୨୫/- | ୧୦୦୦୦ cum | ୩୦୦୦୦/- |
| ୩ | ଛିତି | ଛିତି ବାଲୁକା ଶଯ୍ୟା<br>କେଶ ନଂ-<br>୦୭/୨୦୨୦ | ୪୯ | ୪୫୬/୪୮୬ /ସ୍ଥ | ୧୨.୩୫ | ବାଲି | ୩୫/- | ୩୦/- | ୨୦୦୦୦ cum | ୬୫୦୦୦/- |
| ୪ | ବ୍ରାହ୍ମଣୀନଦୀ-ଉ (ପିତା ଗାଁ) | ପିତା ଗାଁ ବାଲୁକା ଶଯ୍ୟା<br>କେଶ ନଂ-<br>୦୮/୨୦୨୦ | ୧ | ୫/ସ୍ଥ<br>୬/ସ୍ଥ | ୧୨.୩୫ | ବାଲି | ୩୫/- | ୨୫/- | ୧୦୦୦୦ cum | ୩୦୦୦୦/- |

ତହସିଲଦାର, ଗୁରୁଣ୍ଡିଆ

FORM-M

# APPLICATION FOR GRANT OF QUARRY LEASE

*[See Rule 27(4)]*

To

*THE TEHSILDAR:* GURUNDIA

*Dated:* ____________________ *the 2020*

Sir,

1. I/We submit an application for a quarry lease for ________________________________ ________________________________ for a term of **5 (Five)** years over __________ hectares of land in the area specified in the Annexure given below:
2. A sum of Rs. ______________ payable as fee (non-refundable) for grant of such lease under sub-Rule (4) of Rule-27 of the Odisha Minor Mineral Concession Rules, 2016 has been paid in the Government Treasury at __________________ and the receipt Challan bearing No.____________/ dated________________ is enclosed.
3. The Required particulars are given below: -

(i) An affidavit stating that no mining due payable under the Act and Rules made there under is outstanding against the applicant.

(ii) Where land belongs to private persons, consent of all such persons for grant of quarry lease.

(iii) Solvency certificate and list immovable property from the Revenue Authority.

4.

I. Name and Address of the applicant ________________________________________

________________________________________

II. Nationality of the applicant: ________________________________

III. Profession of the applicant: ________________________________

IV. Particulars of the areas, mineral-wise, within the State for which the applicant or any person having joint interest with him: ____________________________

(a) Already holds a quarry lease: ____________________________

(b) Has already applied for a quarry lease but not granted: ____________________

(c) Being applied for simultaneously: ____________________________

(d) Nature of joint interest, if any: ____________________________

V. Means by which the minor minerals is/ are to be raised, i.e. whether manual or mechanical.

VI. Manner in which the minor minerals raised to be utilized: -

a) For manufacture: ____________________________

b) For sale: ____________________________

c) Any other purpose: ____________________________

VII. Details of the plan boundary description and land schedule of the areas applied for to be

## FORM-M

# APPLICATION FOR GRANT OF QUARRY LEASE

*[See Rule 27(4)]*

To

***THE TEHSILDAR:*** GURUNDIA

***Dated:*** ____________________ ***the 2020***

Sir,

1. I/We submit an application for a quarry lease for ______________________________ ______________________________ for a term of **5 (Five)** years over __________ hectares of land in the area specified in the Annexure given below:
2. A sum of Rs. _______________ payable as fee (non-refundable) for grant of such lease under sub-Rule (4) of Rule-27 of the Odisha Minor Mineral Concession Rules, 2016 has been paid in the Government Treasury at __________________ and the receipt Challan bearing No.____________/ dated________________ is enclosed.
3. The Required particulars are given below: -

(i) An affidavit stating that no mining due payable under the Act and Rules made there under is outstanding against the applicant.

(ii) Where land belongs to private persons, consent of all such persons for grant of quarry lease.

(iii) Solvency certificate and list immovable property from the Revenue Authority.

4.

I. Name and Address of the applicant: ______________________________
______________________________

II. Nationality of the applicant: ______________________________

III. Profession of the applicant: ______________________________

IV. Particulars of the areas, mineral-wise, within the State for which the applicant or any person having joint interest with him: ______________________________

(a) Already holds a quarry lease: ______________________________

(b) Has already applied for a quarry lease but not granted ______________________________

(c) Being applied for simultaneously: ______________________________

(d) Nature of joint interest, if any: ______________________________

V. Means by which the minor minerals is/ are to be raised, i.e. whether manual or mechanical.

VI. Manner in which the minor minerals raised to be utilized: -

a) For manufacture: ______________________________

b) For sale ______________________________

c) Any other purpose: ______________________________

VII. Details of the plan boundary description and land schedule of the areas applied for to be

VIII. Has the applicant any previous experience in quarrying/ mining ? if yes, details should be given:______________________________

______________________________

IX. Financial Resources of the applicant:

(i)

(ii)

X. Total investment in the operations anticipated: ______________

XI. Any other particulars which the applicant wishes to furnish.

(a) Name of the village/ Forest Block: ______________

(b) Whether the area belongs to scheduled area: ______________

(c) Details of the area applied for in each Survey Number:______________

(d) Full description of the area applied for with regard to natural features:

______________________________

______________________________

(e) District: ______________

5. Rate of additional charge (per cubic meter) quoted: - Rs.______________

NB: *The application shall be summarily rejected if the rate of royalty quoted is less than the rate of royalty specified in Schedule-II*

I/ We hereby declare that the particulars furnished above are correct and undertake to furnish other details, plan etc., as may be required by you.

**Yours faithfully,**

**Place:** ______________

**Date :** ______________

**(Signature of the applicant)**

| | |
|---|---|
| NB: | **If the application is signed by an authorized agent of the applicant, the power of attorney should be attached.** |

# ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁରୁଣ୍ଡିଆ

ବିଜ୍ଞପ୍ତି ସଂଖ୍ୟା- ୧୦୯୯ ତା- ୦୨/୦୯/୨୦୨୦

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ସାୖରାତ ଉତ୍ସ (ବାଲୁକା ଶଯ୍ୟା-୪ ଗୋଟି) ଗୁଡ଼ିକର ଆସନ୍ତା ୫ ବର୍ଷ ନିମନ୍ତେ ତହସିଲଦାର, ଗୁରୁଣ୍ଡିଆଙ୍କ ଦ୍ଵାରା ତା- ୧୩/୧୦/୨୦୨୦, ୨୦/୧୦/୨୦୨୦ ଓ ୨୭/୧୦/୨୦୨୦ ରିଖରେ ଲିଜପାଇଁ ନିଲାମ କରାଯିବା ପାଇଁ ସ୍ଥିରିକୃତ ହୋଇଅଛି । ଇଚ୍ଛୁକ ଆବେଦନକାରୀ ମାନେ ଆବଶ୍ୟକୀୟ ଦସ୍ତାବିଜ ସହିତ ତା- ୨୫/୦୯/୨୦୨୦ ରିଖଠାରୁ ତା- ୧୨/୧୦/୨୦୨୦ ରିଖ ଅପରାହ୍ନ ୫.୩୦ ମଧ୍ୟରେ ଆବେଦନ କରିପାରିବେ ଏବଂ ଉକ୍ତ ନିଲାମ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ Website: http//:www.sundargarh.nic.in ରୁ ପାଇପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ପାଇପାରିବେ।

ଏହି ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀମାନଙ୍କଠାରୁ ଆନୁପାତିକ ଭାବରେ ଆଦାୟ କରାଯିବ ।

ସ୍ୱା/-

ତହସିଲଦାର, ଗୁରୁଣ୍ଡିଆ